# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 03rd November – 2025

********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକପାଇଁ ୪ ଶହ ୪୪ କୋଟି ଟଙ୍କାର ଅନୁଦାନ ପ୍ରଦାନ କଲେ କେନ୍ଦ୍ର ସରକାର ।

- ସୁସ୍ଥ ଖାଦ୍ୟାଭ୍ୟାସ ମନୁଷ୍ୟର ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ; କହିଲେ ରାଜ୍ୟପାଳ ।

- ରାଜ୍ୟର ୪ଟି ସ୍ଥାନରେ ଆସନ୍ତା ସୋମବାର ପ୍ରାକ୍ ଜନଗଣନା କାର୍ଯ୍ୟକ୍ରମ ପାଇଁ ଆଜିଠାରୁ ଆରମ୍ଭ ହେଲା ପ୍ରଶିକ୍ଷଣ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମହାପ୍ରଭୁ ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀ-ନୃସିଂହ ବେଶରେ ଦେବେ ଦର୍ଶନ ।

*PIB*

## ପଞ୍ଚଦଶ ଅର୍ଥ ଆୟୋଗ - ଅନୁଦାନ

କେନ୍ଦ୍ର ସରକାର ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକପାଇଁ ପଞ୍ଚଦଶ ଅର୍ଥ ଆୟୋଗ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗଣ ୪ ଶହ

୪୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ରାଜ୍ୟର ୨୦ଟି ଜିଲ୍ଲା ପରିଷଦ, ୨୯୬ଟି ପଞ୍ଚାୟତ ସମିତି, ୬ ହଜାର ୭୩୪ଟି ଗ୍ରାମ ପଞ୍ଚାୟତକୁ ଦ୍ୱିତୀୟ କିସ୍ତି ଅନୁଦାନ ଆକାରରେ ୩ ଶହ ୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ଦିଆଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷପାଇଁ ପ୍ରଥମ କିସ୍ତି ମୁକ୍ତ ଅନୁଦାନର ସ୍ଥଗିତ ଅଂଶ ୧୦୧ କୋଟି ୭୮ ଲକ୍ଷ ୧୫ ହଜାର କୋଟି ଟଙ୍କା ଓଡ଼ିଶାକୁ ମିଳିଛି । ଏହି ଅର୍ଥ ୨୦ଟି ଜିଲ୍ଲାପରିଷଦ, ୨୩୩ଟି ପଞ୍ଚାୟତ ସମିତି ଏବଂ ୬୪୯ଟି ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପଞ୍ଚାୟତିରାଜ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନ, ଗ୍ରାମୀଣ ସ୍ଥାନୀୟ ସଂସ୍ଥାପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଛନ୍ତି ।

***IPR***

# ରାଜ୍ୟପାଳ

ସରଳ ଖାଦ୍ୟାଭ୍ୟାସ ମନୁଷ୍ୟ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ କ୍ୟାପିଟାଲ ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନ ଅବସରରେ ରାଜ୍ୟପାଳ ବିଦ୍ୟାଳୟଗୁଡ଼ିକରେ ସୁସ୍ଥ ଖାଦ୍ୟାଭ୍ୟାସ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଦ୍ୟାଳୟରେ ପଢୁଥିବା

ବାଳିକାମାନଙ୍କ ମଧ୍ୟରେ ରକ୍ତହୀନତା ଦୂରପାଇଁ ଏକ ସ୍ୱତନ୍ତ୍ର ଦୁଇମାସିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥିରେ ଛାତ୍ରୀମାନଙ୍କୁ ବିଟ୍, ଗାଜର ଜୁସ୍ ଏବଂ ବାଦାମ ଚିକି ବଣ୍ଟନ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି । ଏହି ସମସ୍ତ ଖାଦ୍ୟସାମଗ୍ରୀ ହିମୋଗ୍ଲୋବିନ୍ ସ୍ତରକୁ ଉନ୍ନତ କରିବାରେ ସରଳ, ସୁଲଭ ଏବଂ ପ୍ରଭାବଶାଳୀ ହୋଇପାରିବ । ଏହି ସମୟରେ ରାଜ୍ୟପାଳ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀମାନଙ୍କର ନିୟମିତ ଦୃଷ୍ଟିଶକ୍ତି ପରୀକ୍ଷାପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

***Desk***

# ପ୍ରାକ୍ ଜନଗଣନା

ରାଜ୍ୟର ୪ଟି ସ୍ଥାନରେ ଆସନ୍ତା ସୋମବାରଠାରୁ ପ୍ରାକ୍ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହା ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଆଜିଠାରୁ ତିନିଦିନିଆ ପ୍ରାକ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କଟକ, ଭୁବନେଶ୍ୱର ସମେତ ମୟୂରଭଞ୍ଜ, ନବରଙ୍ଗପୁରରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିବା ଜଣାପଡ଼ିଛି । ସର୍ବଭାରତୀୟ ସ୍ତରରେ ୩୪ ଲକ୍ଷ ଶିକ୍ଷକ ଜନଗଣନା କାର୍ଯ୍ୟକ୍ରମରେ ସାମିଲ୍ ହେବେ । ଚଳିତ ଥର କାଗଜବିହୀନ ତଥା ମୋବାଇଲ୍ ଆପ୍‌ରେ ଜନଗଣନା କାର୍ଯ୍ୟକ୍ରମ କରାଯିବ ।

***Puri/R***

# ହବିଷ୍ୟାଳୀ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ପୁରୀ ବୃନ୍ଦାବତୀ ନିବାସରେ ହବିଷ୍ୟାଳୀ କାର୍ତ୍ତିକ ବ୍ରତ ଯୋଜନାରେ ଅନ୍ତର୍ଭୁକ୍ତ ହବିଷ୍ୟାଳୀମାନଙ୍କ ସହ ଭାବ ବିନିମୟ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡ଼ା ସମସ୍ତଙ୍କୁ ଅନ୍ୟୂନ ଗୋଟିଏ ଲେଖାଏଁ ଗଛ ଲଗାଇବାପାଇଁ ଆହ୍ୱାନ ଦେଇଥିଲେ ।

***Voice :...........***

ସୂଚନା ଅନୁସାରେ ରାଜ୍ୟ ସରକାର ପୁରୀରେ ଚଳିତବର୍ଷ ୨ ହଜାର ୫ ଶହରୁ ଊର୍ଦ୍ଧ୍ୱ ହବିଷ୍ୟାଳୀଙ୍କପାଇଁ କାର୍ତ୍ତିକ ବ୍ରତ ବ୍ୟବସ୍ଥା କରିଛନ୍ତି ।

***PIB***

# ମଧୁକ୍ରାନ୍ତି

ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନର ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ମହୁମାଛି ପାଳନ ଏବଂ ମଧୁ ମିଶନ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଦେଶରେ ମଧୁର ବିପ୍ଳବ ଆରମ୍ଭ କରିବା ସହ ନୂତନ ଭାରତ ପାଇଁ ମଧୁ ଉତ୍ପାଦକତା ବୃଦ୍ଧି, ସଂଗ୍ରହ ପରବର୍ତ୍ତୀ ପରିଚାଳନା ଓ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ଉପରେ ଏହା ଧ୍ୟାନ କେନ୍ଦ୍ରୀତ କରିଥାଏ। ଏହି ମିଶନ ପାଇଁ ମୋଟ୍ ୫୦୦ କୋଟି ଟଙ୍କାର ବ୍ୟୟ

ବରାଦ କରାଯାଇଛି। ୨୦୨୪ ମସିହାରେ ଭାରତ ୧ ଲକ୍ଷ ୪ ହଜାର ମେଟ୍ରିକ୍ ଟନ୍ ପ୍ରାକୃତିକ ମହୁ ଉତ୍ପାଦନ କରିଥିଲା। ୨୦୨୩-୨୪ ମସିହାରେ ଦେଶ ପ୍ରାୟ ୧୭୭ ଦଶମିକ ୫/୫ ନିୟୁତ ଡଲାର ମୂଲ୍ୟର ୧ ଦଶମିକ ୦/୭ ଲକ୍ଷ ମେଟ୍ରିକ୍ ଟନ୍ ପ୍ରାକୃତିକ ମହୁ ରପ୍ତାନୀ କରିଥିଲା। ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମହୁ ରପ୍ତାନୀକାରୀ ଦେଶ ଭାବେ ପରିଗଣିତ ହେଉଛି। ମହୁ ଏବଂ ଅନ୍ୟାନ୍ୟ ମହୁମାଛି ଉତ୍ପାଦ ଉତ୍ସର ଅନଲାଇନ୍ ପଞ୍ଜୀକରଣ ଏବଂ ତଥ୍ୟ ପାଇଁ ମଧୁକ୍ରାନ୍ତି ପୋର୍ଟାଲ ଆରମ୍ଭ କରାଯାଇଛି।

***Desk, Koraput/R***

# ପଞ୍ଚକ

ପୁରୀ ଶ୍ରୀମନ୍ଦିରରେ ଆଜି ପଞ୍ଚକ ବ୍ରତର ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଛି । ମଧ୍ୟରାତ୍ରରେ ବଡ଼ସିଂହାର ବେଶ ପରେ ଗରୁଡ଼ ଉତ୍ଥାପନ ନୀତି ଅନୁଷ୍ଠିତ ହେବ । ଚଳିତବର୍ଷ ଦ୍ୱାଦଶୀ ତିଥି କ୍ଷୟ ହୋଇଥିବା ହେତୁ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ ନାହିଁ । ତ୍ରିବିକ୍ରମ ବେଶରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁ ଆସନ୍ତାକାଲି ଲକ୍ଷ୍ମୀ-ନୃସିଂହ ବା ଡାଳିକିଆ ବେଶରେ ଦର୍ଶନ ଦେବେ ।

**କଟକ** ଜିଲ୍ଲାର ଆଠଗଡ଼ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ଆଜି ବଡ଼ଓଷା ପାଳନ କରାଯାଉଛି।  ବାବା ଧବଳେଶ୍ୱରଙ୍କୁ ବଡ଼ସିଂହାର ବେଶରେ ସୁସଜ୍ଜିତ କରାଯାଇଛି। ମଧ୍ୟରାତ୍ରରେ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ ସନ୍ଧିକ୍ଷଣରେ ବାବା ଧଳବଳେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ବଡ଼ ଓଷା ପର୍ବ ପାଳିତ ହେବ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ୧୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି।

କାର୍ତ୍ତିକ ମାସର ଶେଷ ସୋମବାର ଉପଲକ୍ଷେ କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

***Desk***

# ଏମ୍ସ - ସ୍ନାୟୁଜନିତ ରୋଗ

ଭୁବନେଶ୍ୱର ଏମ୍ସରେ ସ୍ନାୟୁଜନିତ ରୋଗର ନିରାକରଣ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ନାୟୁରୋଗ ବିଭାଗ ଏବଂ ଶିଲଂସ୍ଥିତ ନର୍ଥ-ଇଷ୍ଟ ହିଲ୍ ୟୁନିଭରସିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ସ୍ନାୟୁଜନିତ ରୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ରାଜ୍ୟର ଖୋର୍ଦ୍ଧା, ଢେଙ୍କାନାଳ ଆଦି ଜିଲ୍ଲାର କିଛି ଗ୍ରାମରେ ଭେରୁ ଭାବେ ଜଣାଶୁଣା ଏହି ଉଦ୍ଭିଦର ବିଭିନ୍ନ ପ୍ରଜାତିରେ ଏକ ସମ୍ଭାବ୍ୟ

ନ୍ୟୁରୋଟକ୍ସିନ୍ ଚିହ୍ନଟ କରାଯାଇଛି । ଏମ୍ସ ପକ୍ଷରୁ ଏହି ଉଭିଦର ମାନବ ଶରୀର ଉପରେ ବିଷାକ୍ତ ପ୍ରଭାବକୁ ନେଇ ଗବେଷଣା ଆରମ୍ଭ କରାଯାଇଛି ।

***Ganjam/R***

## ଗଜସାଥୀ

**ଗଞ୍ଜାମ** ଜିଲ୍ଲା ଜଗନ୍ନାଥ ପ୍ରସାଦ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗଜସାଥୀଙ୍କ ନିମନ୍ତେ ଏକଦିବସୀୟ ଦକ୍ଷତା ଅଭିବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ପୂର୍ବତନ ଲୋକାୟୁକ୍ତ ଦେବବ୍ରତ ସ୍ୱାଇଁ ଯୋଗଦେଇ ହାତୀ ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବନ ସଂଯୋଜକ, ଗଜସାଥୀ ଓ ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କୁ ତାଲିମ ଦିଆଯାଇଥିଲା।

***Ganjam/R***

## ବାଘ ଗଣନା

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବନଖଣ୍ଡ କାର୍ଯ୍ୟାଳୟରେ ବାଘଗଣନା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ସମସ୍ତ ୭ଟି ବନ ରେଞ୍ଜ ଅଂଚଳର ବନପାଳ ଓ ବନରକ୍ଷୀଙ୍କୁ ବାଘ ଗଣନା ସମ୍ପର୍କରେ ତାଲିମ୍ ଦିଆଯାଇଥିଲା ।

***Desk, Baragarh, Nayagarh, Kendrapara, Deogarh, Bhadrak, Sambalpur, Khurda/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । **ବରଗଡ଼** ଜିଲ୍ଲା ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୭୦ଟି ଅଭିଯୋଗ ଶୁଣାଣି କରି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

**ନୟାଗଡ଼** ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ଓ ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଶିବିରରେ ୪୬ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲାପାଳ ରଘୁରାମ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶବିରରେ ୨୦୧ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

**ଦେବଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମିଳିତ ଭାବେ ୩୦ଟି ଅଭିଯୋଗର ଶୁଣାଣି କରିଛନ୍ତି ।

**ଭଦ୍ରକ** ଜିଲ୍ଲାପାଳ ଦିଲୀପ ରାଉତରାୟ ଓ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ୩୪ଟି ମାମଲାର ଶୁଣାଣି କରି ୧୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଓ ଜିଲ୍ଲା ରେଡ୍‌କ୍ରସରୁ ୧ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ ।

**ସମ୍ବଲପୁର** ଧନକଉଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୪୭ଟି ଅଭିଯୋଗର ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ମୋଟ୍ ୭୦ ହଜାର ଟଙ୍କା ଏବଂ ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା ।

**ଖୋର୍ଦ୍ଧା** ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ୧୫୯ଟି ଅଭିଯୋଗ ମଧ୍ୟରୁ ୧୦ଟିର ତତ୍କାଳ ସମାଧାନ କରାଯାଇଥିଲା ।

***Ganjam/R***

# ଦୌଡ଼କୁଦ ଓ ଯୋଗାସନ

ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ଓ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲ୍ ଖେଳପଡ଼ିଆଠାରେ ୬୯ତମ ଜିଲ୍ଲା ବିଦ୍ୟାଳୟସମୂହ

ଦୌଡ଼କୁଦ ଓ ଯୋଗାସନ ପ୍ରତିଯୋଗିତା-୨୦୨୫ ଆରମ୍ଭ ହୋଇଛି । ୧୪ ଓ ୧୭ ବର୍ଷରୁ କମ୍ ବାଳକ ତଥା ବାଳିକା ବର୍ଗର ୮ରୁ ଅଧିକ ପ୍ରତିଯୋଗୀ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ ।

***Nayagarh/R***

# ଖୋ-ଖୋ ଓ ଯୋଗ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ମହୀପୁର ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀ ଖୋ-ଖୋ ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୮ଟି ବ୍ଲକ୍‌ରୁ ୪୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

***Bhadrak/R***

# ଯୋଗ ଶିବିର

**ଭଦ୍ରକ** ଜିଲ୍ଲା ଧାମନଗରଠାରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକମାନେ ଉପସ୍ଥିତ ରହି ଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି। ବିଭିନ୍ନ ପଂଚାୟତର ବରିଷ୍ଠ ନାଗରିକମାନେ ଏହି ଯୋଗ ଶିବିରରେ ସାମିଲ ହୋଇଥିଲେ।

******